ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ସମବାୟ ମାଧ୍ୟମରେ କୃଷକର ଆୟ ଦ୍ୱିଗୁଣିତ ସଂପର୍କିତ କର୍ମଶାଳା

## ସମବାୟ ମାଧ୍ୟମରେ କୃଷକମାନଙ୍କର ଆୟ ବୃଦ୍ଧି କରିବା ଦିଗରେ ପର୍ଯ୍ୟନ୍ତ ସୁଯୋଗ ରହିଛି

## : ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର, ୨୯ ଅଗଷ୍ଟ, ୨୦୧୯

କୃଷି ଓ କୃଷକମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ସମବାୟ ମାଧ୍ୟମରେ କୃଷକମାନଙ୍କର ଆୟ ବୃଦ୍ଧି କରିବା ଦିଗରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିସରରେ ସମବାୟ ବିଭାଗ ଓ ଭର୍ଗିଜ୍ କୁରିଏନ୍ ସେଣ୍ଟର ଫର ଏକ୍ସିଲେନ୍ସ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ମ୍ୟାନେଜ୍‌ମେଣ୍ଟ ଆନନ୍ଦର ମିଳିତ ଆନୁକୂଲ୍ୟରେ ଓଡ଼ିଶାରେ ସମବାୟ ମାଧ୍ୟମରେ କୃଷକର ଆୟ ଦ୍ୱିଗୁଣିତ ସଂପର୍କିତ ଦୁଇଦିନିଆ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଚାଷୀମାନଙ୍କୁ ଦିଆଯାଉଥିବା ମୋଟ ଫସଲ ଋଣରୁ ୬୫ ପ୍ରତିଶତରୁ ଅଧିକ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଦିଆଯାଉଛି । ଏଥି ସହିତ କୃଷକମାନଙ୍କର ଫସଲ ବୀମା, ସାର, କୀଟନାଶକ ଔଷଧ ଓ ବିହନ ଯୋଗାଇଦେବା ସହିତ ଚାଷୀ ଯେପରି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବ ସେଥିପ୍ରତି ଇ-ମାର୍କେଟ ମାଧ୍ୟମରେ ବିପଣନର ମଧ୍ୟ ବ୍ୟବସ୍ଥା କରାଯାଇଛି । କୃଷିଜାତ ଦ୍ରବ୍ୟ ସାଇତି ରଖିବା ପାଇଁ ଗୋଦାମ ଗୃହ ଏବଂ ଶୀତଳ ଭଣ୍ଡାର ଆଦି ନିର୍ମାଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କରିଥିଲେ । ଭାରତର ଅର୍ଥନୈତିକ ଓ ସମାଜ ବ୍ୟବସ୍ଥାରେ କୃଷକମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । କୃଷକମାନଙ୍କର ଆୟରେ ବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି, ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ାଚାଷ ଆଦିର ଉନ୍ନତି ନିମନ୍ତେ ପଦକ୍ଷେପ ନେବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଏଥି ସହିତ ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳାମାନଙ୍କର ଉନ୍ନତି ସହିତ ଚାଷୋପଯୋଗୀ ଜମିକୁ ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

କର୍ମଶାଳାରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ କୃଷକମାନଙ୍କର ମାସିକ ଆୟ ୨୦୦୨ ମସିହାରୁ ବୃଦ୍ଧି ପାଇ ୨୦୧୫-୧୬ ବର୍ଷରେ ପ୍ରାୟ ୭୭୩୧ ଟଙ୍କାରେ ପହଞ୍ଚିଛି ବୋଲି ମନ୍ତ୍ରୀ କହିଥିଲେ । ଓଡ଼ିଶାରେ କୃଷିର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଐତିହାସିକ କାଳିଆ ଯୋଜନା ପ୍ରଣୟନ କରିଛନ୍ତି, ଯଦ୍ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସହିତ ଭୂମିହୀନ ଓ କୃଷି ଶ୍ରମିକ ବହୁଳ ଭାବରେ ଉପକୃତ ହେଉଛନ୍ତି । କୃଷିର ଉନ୍ନତି ନିମନ୍ତେ ବ୍ୟବସାୟିକ ବ୍ୟାଙ୍କମାନେ କୃଷକମାନଙ୍କୁ ଅଧିକ ପରିମାଣର କୃଷି ଋଣ ଯୋଗାଇଦେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ଏଥି ସହିତ ଓଡ଼ିଶାର ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ଦିଗରେ ସେ ସମବାୟ ଆଇନ୍‌ରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ସଂପର୍କରେ ମତ ଦେଇଥିଲେ ।

କର୍ମଶାଳା ଅବସରରେ ଭର୍ଗିଜ କୁରିଏନ୍ ସେଣ୍ଟର ଫର ଏକ୍ସିଲେନ୍ସର ପ୍ରଫେସର ହରେକୃଷ୍ଣ ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ମ୍ୟାନେଜ୍‌ମେଣ୍ଟ ଆନନ୍ଦର ନିର୍ଦ୍ଦେଶକ ପ୍ରଫେସର ହିତେଶ ଭଟ୍ଟ, ଇଣ୍ଟରନ୍ୟାସନାଲ୍ କୋଅପରେଟିଭ୍ ଆଲାୟନ୍ସ ଏସିଆ ପାସିଫିକ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ବାଲସୁବ୍ରମଣ୍ୟମ୍ ଆୟାର ଓ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବ ଓ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଶ୍ରୀ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ କୃଷକର ଆୟ ଦ୍ୱିଗୁଣିତ କରିବା ସଂପର୍କରେ ବକ୍ତବ୍ୟ ରଖିଥିଲେ । କର୍ମଶାଳା ପ୍ରାରମ୍ଭରେ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟିର ଶ୍ରୀ ବିଭୂତି ଭୂଷଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦେବେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ